ସୋହନ ଲାଲ କୁନେଜା ଏବଂ ଅନ୍ୟମାନେ

ବନାମ

ପଞ୍ଜାବ ରାଜ୍ୟ

ନଭେମ୍ବର 9, 2006

[ଅରିଜିତ ପଶାୟତ ଏବଂ ଲୋକେଶ୍ୱର ସିଂ ପଣ୍ଟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973--ଧାରା 438--ଧାରା 438 ଅନୁଯାୟୀ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ଦ୍ୱାରା 10 ଲକ୍ଷ ଟଙ୍କା ଜମା କରିବାର ସର୍ତ୍ତ ଲାଗୁ --ନିର୍ଦ୍ଦେଶ ଅନୁଯାୟୀ ଅର୍ଥ ଜମା ନକରିବା--ଅନ୍ତରୀଣ ସୁରକ୍ଷା ପ୍ରତ୍ୟାଖ୍ୟାନ-- ଆବେଦନରେ, ନିର୍ଣ୍ଣୟ ହୋଇଛି:ଉଚ୍ଚ ନ୍ୟାୟାଳୟ ପ୍ରାସଙ୍ଗିକ ଦିଗ ଉପରେ ବିଚାର କରିନଥିଲେ ଏବଂ ଏପରି ସର୍ତ୍ତ ଲାଗୁ କରିବାର କାରଣ ମଧ୍ୟ ଦର୍ଶାଇନଥିଲେ-ତେଣୁ, ମାମଲାଟି ନୂତନ ବିଚାର ପାଇଁ ପଠାଗଲା ।*

ମହଜୁଦ ଦ୍ରବ୍ୟର ଅପବ୍ୟବହାର ଅଭିଯୋଗରେ ଆବେଦନକାରୀ ଏବଂ ଅନ୍ୟମାନଙ୍କ ବିରୋଧରେ ଅଭିଯୋଗକାରୀ ଏଫଆଇଆର୍ ଦାଖଲ କରିଥିଲେ । ଅଭିଯୋଗକାରୀଙ୍କ ପାଖରେ Rs.10,00,000/-ଟଙ୍କା ଜମା କରିବା ସର୍ତ୍ତରେ ଉଚ୍ଚ ନ୍ୟାୟାଳୟ ସିଆର.ପି.ସି. ର ଧାରା 438 ଅନୁଯାୟୀ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ନିର୍ଦ୍ଦେଶ ଅନୁଯାୟୀ ରାଶି ଜମା ନକରିବା କାରଣରୁ, ସୁରକ୍ଷାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ସିଆର.ପି.ସି. ର ଧାରା 438 ଅନୁଯାୟୀ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଏହି ଅଦାଲତରେ ଆବେଦନ କରି ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ ବାଲ କିଶନ ଦାସ ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ଦୃଷ୍ଟିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣଯୋଗ୍ୟ ନୁହେଁ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିପୁଳ ପରିମାଣର ଅର୍ଥ ତଥା 10,00,000/- ଟଙ୍କା ଜମା କରିବାର ସର୍ତ୍ତ ଆଇନର ଯାଞ୍ଚରେ ଗ୍ରହଣୀୟ ହୋଇପାରିବନାହିଁ ।

ଆବେଦନଟିର ସମାଧାନ କରି ଏବଂ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପଠାଇ, ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ:1.1. ଏହି ମାମଲାର ବିଚାର କରିବା ସମୟରେ, ଉଚ୍ଚ ନ୍ୟାୟାଳୟ ଆଦ୍ରି ଧରଣ ଦାସଙ୍କ ମାମଲାରେ ଧାରା 438 ସମ୍ବନ୍ଧରେ ଏହି ନ୍ୟାୟାଳୟ ଦ୍ୱାରା ସୂଚିତ ନୀତି ଏବଂ ସିଆର.ପି.ସି. ର ଧାରା 438 ଅନୁଯାୟୀ ଆବେଦନ ସହିତ ଜଡ଼ିତ ହେବା ସମୟରେ *ବାଲ ଜି. କିଶନ ଦାସଙ୍କ ମାମଲାରେ ନିର୍ଣ୍ଣୟର ପ୍ରାସଙ୍ଗିକତା ଏବଂ ପ୍ରଯୁଜ୍ୟତାକୁ ଧ୍ୟାନରେ ରଖିବେ ।

**ବାଲ କିଶନ ଦାସ ବନାମ ଏଫ଼. ସି. ନାୟାର,* **[1991] ଏସୟୁପିପିଏଲ. 2 ଏସସିସି 412** ଏବଂ ** *ଆଦ୍ରି ଧରଣ ଦାସ ବନାମ ପଶ୍ଚିମ ବଙ୍ଗ ରାଜ୍ୟ,* **[2005] 4 ଏସସିସି 303 ମାମଲା ଉପରେ ନିର୍ଭର କରିଥିଲା ।**

1.2. ଉଚ୍ଚ ନ୍ୟାୟାଳୟ ପ୍ରାସଙ୍ଗିକ ଦିଗଗୁଡ଼ିକୁ ବିଚାର କରିନାହାନ୍ତି ଏବଂ 10,00,000/-ଟଙ୍କା ଜମା କରିବାର ଆବଶ୍ୟକତା କାହିଁକି ଅନୁଭବ କଲେ, ତାହାର କୌଣସି କାରଣ ମଧ୍ୟ ଦର୍ଶାଇ ନାହାଁନ୍ତି । ଆହୁରି ଏହି ନ୍ୟାୟାଳୟ ଦ୍ୱାରା ବର୍ଣ୍ଣିତ ସିଆର.ପି.ସି. ର ଧାରା 438 ପରିସରକୁ ଧ୍ୟାନରେ ରଖାଯାଇନାହିଁ ।

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 1133/2006

ପଞ୍ଜାବ ରାଜ୍ୟ

ତା ୫.5.2006 ରିଖରେ ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ସିଆରଏଲ.ଏମ. ସଂଖ୍ୟା 27303-M/2006ରେ ପ୍ରଦାନ କରାଯାଇଥିବା ରାୟ ଏବଂ ମଧ୍ୟବର୍ତ୍ତୀକାଳୀନ ଆଦେଶରୁ ଏହି ଆବେଦନ ଆସିଛି ।

ଆର୍. କେ. ତଲୱାର ଏବଂ ଏସ୍. ଏଲ୍. ଅନେଜା, ଆବେଦନକାରୀଙ୍କ ପାଇଁ ।

ଅରୁଣ କେ. ସିହ୍ନା, ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଅରିଜିତ୍ ପଶାୟତଙ୍କ ଦ୍ଵାରା ।** ଅନୁମତି ପ୍ରଦାନ କରାଗଲା ।

ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 ର ଧାରା 438 (ସଂକ୍ଷେପରେ 'ସିଆର.ପି. ସି.') ଅନୁଯାୟୀ ଆଗତ କରାଯାଇଥିବା ଆବେଦନକାରୀଙ୍କ ଅପରାଧିକ ମାମଲା ସଂଖ୍ୟା 27303-M/ 2006କୁ ବିଚାର କରୁଥିବା ସମୟରେ, ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ ଦ୍ଵାରା ପାରିତ ଆଦେଶକୁ ଏହି ଆବେଦନରେ ଆପତ୍ତି କରାଯାଇଛି । ମହଜୁଦ ଦ୍ରବ୍ୟର ଅପବ୍ୟବହାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଆବେଦନକାରୀ ଏବଂ ଅନ୍ୟମାନଙ୍କ ବିରୋଧରେ ଏତଲା (ସଂକ୍ଷେପରେ 'ଏଫଆଇଆର୍') ଦିଆ ଯାଇଥିଲା । ଆବେଦନକାରୀ ଅନୁଯାୟୀ, ବିବାଦ ମୁଖ୍ୟତଃ ଚୁକ୍ତିଭିତ୍ତିକ ଦାୟିତ୍ଵ ଉପରେ ଆଧାରିତ ଏବଂ ଏହା ଏକ ଦେୱାନୀ ପ୍ରକୃତିର ଅଟେ । ଏକ ମଧ୍ୟସ୍ଥତା ପ୍ରକ୍ରିୟାରେ ଏହି ମାମଲା ବିଚାରାଧିନ ରହିଛି । ଉଚ୍ଚ ନ୍ୟାୟାଳୟ ୫ ମଇ 2006 ତାରିଖର ଆଦେଶ ଦ୍ଵାରା ଧାରା 438 Cr.P.C ଅନୁଯାୟୀ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିଥିଲେ ଏହି ସର୍ତ୍ତରେ ଯେ 10,00,000/- ଟଙ୍କା ମାର୍କଫେଡ଼ରେ ଜମା କରାଯିବ ଯିଏ ଏହି ମାମଲାର ଅଭିଯୋଗକାରୀ । ପରବର୍ତ୍ତୀ ସମୟରେ ନିର୍ଦ୍ଦେଶ ଅନୁଯାୟୀ ରାଶି ଜମା ନକରିବା କାରଣରୁ, ଏହି ନ୍ୟାୟାଳୟ ଦ୍ଵାରା ନୋଟିସ୍ ଜାରି କରାଯିବା ସତ୍ତ୍ୱେ ସୁରକ୍ଷାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ସିଆର.ପି.ସି. ର ଧାରା 438 ଅନୁଯାୟୀ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଆବେଦନକାରୀଙ୍କ ପାଇଁ ବିଦ୍ଵାନ ଓକିଲ ଦାଖଲ କରିଥିଲେ ଯେ *ବାଲ କିଶନ ଦାସ ବନାମ ପି. ସି. ନାୟାର*, [1991] ସପ୍ଲି. 2 ଏସସିସି 412 ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ଦୃଷ୍ଟିରେ କାର୍ଯ୍ୟାନୁଷ୍ଠାନଗୁଡିକ ଗ୍ରହଣଯୋଗ୍ୟ ଯୋଗ୍ୟ ନୁହେଁ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ 10,00,000/- ଟଙ୍କାର ଏକ ବୃହତ ରାଶିକୁ ଜମା କରିବାର ସର୍ତ୍ତ ଆଇନର ଯାଞ୍ଚରେ ଗ୍ରହଣୀୟ ହୋଇପାରିବ ନାହିଁ ।

ଅନ୍ୟପକ୍ଷରେ, ଉତ୍ତରଦାତା- ରାଜ୍ୟ ପକ୍ଷରୁ ବିଦ୍ଵାନ ଓକିଲ ଦର୍ଶାଇଥିଲେ ଯେ ଆବେଦନକାରୀ ଏବଂ ଅଭିଯୋଗକାରୀଙ୍କ ଅନ୍ୟ କର୍ମଚାରୀଙ୍କ ଷଡ଼ଯନ୍ତ୍ର ଯୋଗୁଁ ଅଭିଯୋଗକାରୀଙ୍କ ବ୍ୟାପକ କ୍ଷତି ହୋଇଛି । ଏହା ମୂଳତଃ ଦେୱାନୀ ବିବାଦ ନୁହେଁ ଏବଂ ମଧ୍ୟସ୍ଥତା ଚାଲୁଥିଲେ ମଧ୍ୟ, ଏହା ଅପରାଧିକ କାର୍ଯ୍ୟାନୁଷ୍ଠାନର ମାର୍ଗରେ ଛିଡ଼ା ହୋଇପାରିବ ନାହିଁ, ତାହାକୁ ଅନୁସରଣ କରାଯାଇପାରିବ ।

ଆମେ ଦେଖୁଛୁ ଯେ ଉଚ୍ଚ ନ୍ୟାୟାଳୟ ପ୍ରାସଙ୍ଗିକ ଦିଗ ଉପରେ ବିଚାର କରିନାହାଁନ୍ତି ଏବଂ 10,00,000/- ଟଙ୍କା ସିଧାସଳଖ ଜମା କରିବା କାହିଁକି ଆବଶ୍ୟକ ତାହାର କୌଣସି କାରଣ ମଧ୍ୟ ଦର୍ଶାଇ ନାହାଁନ୍ତି । ଆହୁରି ଏହି ନ୍ୟାୟାଳୟ ଦ୍ଵାରା ବର୍ଣ୍ଣିତ ସିଆର.ପି.ସି. ର ଧାରା 438 ପରିସରକୁ ଧ୍ୟାନରେ ରଖାଯାଇନାହିଁ ।

ଏହି ପରିସ୍ଥିତିରେ, ଆମେ ତା ୫.5.2006 ରିଖରେ ପ୍ରଦାନ କରାଯାଇଥିବା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରୁଛୁ ଏବଂ ନୂତନ ବିଚାର ପାଇଁ ଏହି ମାମଲାକୁ ପଠାଉଛୁ । କହିବା ଅନାବଶ୍ୟକ ଯେ, ଏହି ମାମଲାର ବିଚାର କରିବା

ସମୟରେ ଉଚ୍ଚ ନ୍ୟାୟାଳୟ *ଆଡ୍ରି ଧରଣ ଦାସ ବନାମ ପଶ୍ଚିମ ବଙ୍ଗ ରାଜ୍ୟ*, [2005] 4 ଏସସିସି 303] ମାମଲାରେ ସୂଚିତ ନୀତି ଏବଂ ସିଆରପିସିର ଧାରା 438 ଅନୁଯାୟୀ ଆଗତ ହୋଇଥିବା ଆବେଦନର ବିଚାର କରିବା ସମୟରେ, *ବାଲ୍ କିଶନ ଦାସଙ୍କ ମାମଲା* (ଉପରୋକ୍ତ) ରେ ପ୍ରଦାନ କରାଯାଇଥିବା ନିର୍ଣ୍ଣୟର ପ୍ରାସଙ୍ଗିକତା ଏବଂ ପ୍ରଯୁଜ୍ୟତାକୁ ଧ୍ୟାନରେ ରଖିବେ ।

ସେହି ଅନୁଯାୟୀ ଆବେଦନର ଫଏସଲା କରାଗଲା ।

ଡି. ଜି. ଆବେଦନକୁ ନିକାଶ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
ଶ୍ରୀ ଜଟାଧାରୀ ସେଠୀ
ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।